# Akashvani, Sambalpur

## SAMBALPURI NEWS EVENING BULLETIN

## 13 February 2026-7.02- 7.12 pm.

---

୧- ନୂଆଦିଲ୍ଲୀ ନ ସେବାତୀର୍ଥ ଆଉ କର୍ତବ୍ୟ ଭବନ୍‌ର ଉଦ୍‌ଘାଟନ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

- କହେଲେ ଇ କାର୍ଯ୍ୟାଳୟ ମାନେ ଦେଶବାସୀଙ୍କର୍ ଆକାଂକ୍ଷା ପୁରା କର୍‌ବାର୍‌ଥି ବଡ଼ ଭୂମିକା ନେବା ।

୨- ରାଏଜେ ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନାର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ଶ୍ରୀକ୍ଷେତ୍ର ପୁରୀ ଲୋକ୍‌ନାଥ ପୀଠ ନ ଆଏଜ୍ ହେଲା ପଙ୍କୋଦ୍ଧାର୍ ଏକାଦଶୀ ।

ଆଉର୍

୪- ଶିକ୍ଷା, ସଚେତନତା ଆଉ ମନୋରଞ୍ଜନ୍ କ୍ଷେତ୍ରଥି ରେଡ଼ିଓର୍ ଭୂମିକାକେ ସୁର୍‌ତା କରିକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ରେଡ଼ିଓ ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ- ସେବାତୀର୍ଥ          ଏନ୍‌ଏସ୍‌ଡି

ଖାଲି ନୀତି ଆଉ ଯୋଜ୍‌ନାଥି ବିକଶିତ ଭାରତ୍‌ର କଳ୍ପନା ନାଇଁ କରାଯାଇପାରେ, ଇଟା ଆମର୍ କାର୍ଯ୍ୟସ୍ଥଲ୍ ନ ଭିଲ୍ ଦେଖାଯିବାର୍ ଦର୍‌କାର୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ନ ସେବାତୀର୍ଥ ଆଉ କର୍ତବ୍ୟ ଭବନ୍ ୧ ଆଉ ୨ ର ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସେବାତୀର୍ଥ ଆଉ କର୍ତବ୍ୟ ଭବନ୍ ଦେଶର୍ ଲୁକ୍‌କର୍ ଆକାଂକ୍ଷାକେ ପୁରା କର୍‌ବାର୍ ଲାଗି ତିଆର୍ ହେଇଛେ । ଇନୁ ଯେନ୍ ଫଏସଲା ହେବା, ସେଟା ଶହେ ୪୦ କୋଟି ଦେଶ୍‌ବାସୀଙ୍କର୍ ଆଗ୍‌କେ ବଢ଼୍‌ବାର୍ ଆଧାର୍ ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସେ ଆହୁରି କହିଛନ୍, ଯେନ୍ ଜାଗା ନ ଦେଶର୍ ସଂଚାଲନ୍ ହେସି, ସେ ଜାଗା ପ୍ରଭାବୀ ଆର୍ ପ୍ରେରଣାଦାୟୀ ହେବାର୍ ଦର୍‌କାର୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସେବାତୀର୍ଥକେ ପ୍ରଧାନ୍‌ମନ୍ତ୍ରୀ କାର୍ଯ୍ୟାଳୟ ସ୍ଥାନାନ୍ତରିତ୍ ହେବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ରାହତ୍ ଯୋଜ୍‌ନା

ସହେତେ ବହୁତ୍ଟେ ଜନକଲ୍ୟାଣ୍କାରୀ ଯୋଜ୍ନାମାନ୍କୁ ଅନୁମୋଦନ୍ କରିଛନ୍ । ସେଥିର୍ଭିତ୍ରେ ଲକ୍ଷପତି ଦିଦି ଗଢ଼୍ବାର୍ ଲକ୍ଷ୍ୟ ୨ ଗୁନା କରିକରି ୬ କୋଟି କେ ପୁହୁଁଚାବାର୍, କୃଷିଭିତିଭୂମି ପାଣ୍ଠି ୨ ଗୁନା କରିକରି ୨ ଲାଖ୍ କୋଟି ଟଙ୍କାକେ ପୁହୁଁଚାବାର୍ ଆଉ ଷ୍ଟାର୍ଟଅପ୍ ଇଣ୍ଡିଆ ଲାଗି ୧୦ ହଜାର୍ କୋଟି ଟଙ୍କାର୍ କର୍ପସ୍ ପାଣ୍ଠି ଅନୁମୋଦନ୍ କରିଛନ୍ ।

ସୂଚ୍ନା ଅନ୍ସାରେ ସେବାତୀର୍ଥ କୁଠା ନ ପ୍ରଧାନ୍ମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ୍ର ସଚିବାଳୟ, କେବିନେଟ୍ ସଚିବାଳୟ ରହିଛେ । ସେନ୍ତା କର୍ତବ୍ୟ ପଥ ୧ ଆଉ ୨ ପରିସର୍ ନ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ବାଗିର୍ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ରହିଛେ ।

ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍ନା ଆର୍ଏନ୍ୟୁ/ ସମ୍ବଲପୁର

ସର୍କାର୍ ରାଜ୍ୟର୍ ଅସ୍ମିତା ଆଉ ଅନନ୍ୟ ଐତିହ୍ୟର୍ ସୁରକ୍ଷା ସଙ୍ଗେ ଗୁଟେ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନବରଙ୍ଗ୍‌ପୁର୍ ଜିଲ୍ଲା ନ

ଆଏଜ୍ ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍ନାର୍ ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଫି' ଇଲାକାକେ ସାମଗ୍ରିକ୍ ଆଉ ସନ୍ତୁଲିତ୍ ବିକାଶ୍ର ଧାରାକେ ପୁହୁଁଚାବାର୍ ଲାଗି ସର୍କାର୍ ଲକ୍ଷ୍ୟ ରଖିଛନ୍ । ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍ନାଥି ୬୦ ନୁ ୭୦ ବଛର୍ ବୟସର୍ ଆର୍ଥିକ୍ ଅନଗ୍ରସର ନାଗରିକଙ୍କର୍ ଲାଗି ନିଶୁଳ୍କ ମାହାପୁରୁ ଦର୍ଶନ୍ ସୁବିଧା ବ୍ୟବସ୍ଥା କରାଯାଇଛେ । ପହେଲା ଖେପ୍ଥି ନବରଙ୍ଗ୍ପୁର୍ ଜିଲ୍ଲାନୁ ଶହେ ୬୦ ଝନ୍ ହିତାଧିକାରୀଙ୍କୁ ନେଇକରି ୪ ଟା ସ୍ୱତନ୍ତ୍ର ବସ୍ ପୁରୀ ଯାତ୍ରା କରୁଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଖେପ୍ ଖେପ୍ କରି ଅଲ୍ଗା ଜିଲ୍ଲାନୁ ଭିଲ୍ ଯୋଜ୍ନାଥି ମାହାପୁରୁମାନ୍କର୍ ଦର୍ଶନ୍ ଲାଗି ଶ୍ରଦ୍ଧାଳୁମାନେ ପୁରୀ ଯିବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ନବରଙ୍ଗ୍ପୁର୍ ସହେତେ ଭଦ୍ରକ୍, ବାରିପଦା, ସମ୍ବଲ୍ପୁର୍ ଆର୍ ବ୍ରହ୍ମପୁର୍ ଜିଲ୍ଲା ନ ଭିଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍ନାର୍ ଆଭାସୀ ଜରିଏ ଶୁଭାରମ୍ଭ କରିଛନ୍ । ୫ ଟା ଜିଲ୍ଲାନୁ ପାଖାପାଖି ୫ ଶହ ଝନ୍ ଶ୍ରଦ୍ଧାଳୁ ପୁରୀ ଯାତ୍ରା କରିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନବରଙ୍ଗ୍‌ପୁର୍ ଜିଲ୍ଲା ନ ୪ ଶହ ୪୬ କୋଟି ୨୬ ଲାଖ୍ ଟଙ୍କାର୍ ଶହେ ୭୭ ଟା ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ ।

ଶ୍ରୀଜଗନ୍ନାଥ୍ ଦର୍ଶନ୍-ସମ୍ବଲପୁର ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ହେଇଥିବା ଶ୍ରୀଜଗନ୍ନାଥ୍ ଯୋଜ୍‌ନାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଯୋଗ୍ ଦେଇଥିଲେ । ଜିଲ୍ଲାନୁ ଆଏଜ୍ ୨ ଟା ବସ୍ ଜରିଏ ୮୦ ଝନ୍ ତୀର୍ଥଯାତ୍ରୀ ପୁରୀ ଅଭିମୁଖେ ଯାତ୍ରା କରିଛନ୍ । ସେମାନ୍‌କର୍ ସାଙ୍ଗେ ଗୁଟେ ମେଡ଼ିକାଲ୍ ଟିମ୍ ଭିଲ୍ ଯାଇଛନ୍ । ଆଝିରର୍ କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ରଙ୍କର୍ ସହେତେ ଅଲ୍‌ଗାମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ମହିଳା କୃଷି କର୍ମଶାଳା ଆଇ.ଆଣ୍ଡ.ପି.ଆର୍

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍, ଅନ୍ତର୍ଜାତୀୟ ଖାଦ୍ୟ ନୀତି ଅନୁସନ୍ଧାନ୍ ସଂସ୍ଥାନ୍ ଆଉ ଗେଟ୍ସ୍ ଫାଉଣ୍ଡେସନ୍ ତର୍ଫୁ ଭୁବନେଶ୍ୱର୍ ନ ଆଏଜ୍ ଓଡ଼ିଶା ନ ଲିଙ୍ଗଗତ ସମାନତା କୃଷି ବିଧି ବ୍ୟବସ୍ଥା ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । ଓଡ଼ିଶାର୍ କୃଷି କ୍ଷେତ୍ରକେ ଅଏତ୍କା ସମାବେଶୀ ଆଉ ମହିଳା କୈନ୍ଦ୍ରିକ୍ କର୍ବାର୍ ଲକ୍ଷ୍ୟଥି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଇ କର୍ମଶାଳାର୍ ଆୟୋଜନ୍ କରାଯାଇଛେ । କର୍ମଶାଳାଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ମହିଳାମାନ୍କର୍ ଲାଗି କୃଷି ଯନ୍ତ୍ରପାତି ବନାବାର୍କେ ନିର୍ଦ୍ଦେଶାବଳୀ ଆନ୍ବାର୍ଥି ଓଡ଼ିଶା ଦେଶେ ଏକ୍ଲା ରାଜ୍ୟ ଆଏ ବଲି କହିଛନ୍ । କର୍ମଶାଳାଥି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଉ କୃଷକ ଉତ୍ପାଦକ ସଂଗଠନ୍ର ସଫଲ୍ ମହିଳା ନେତ୍ରୀମାନେ ନିଜର୍ ନିଜର୍ ଅନୁଭୂତି ବାଂଟିଥିଲେ ।

ପଙ୍କଉଦ୍ଧାର ଏକାଦଶୀ ପୁରୀ ସମ୍ବାଦଦାତା

ଫଗୁନ୍ ମାସ ଅନ୍ଧାର୍ ପଖର୍ ଏକାଦଶୀ ତିଥି ଅବ୍ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ପଙ୍କଉଦ୍ଧାର ଏକାଦଶୀ ପାଲନ୍ କରାଯାଇଛେ ।

ଇ ଅବ୍‌ସରେ ମାହାପୁରୁ ଶ୍ରୀ ଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀ ଲୋକନାଥ ଦେବଙ୍କର୍ ପ୍ରତ୍ୟକ୍ଷ ଶିବଲିଙ୍ଗର ଦର୍ଶନ୍‌ର ସୌଭାଗ୍ୟ ପାଇଛନ୍ । ଆଏଜ୍ ଭୋର୍‌ନୁ ନୀତି ମୁଲ୍ ହେଇଥିଲା । ବଛର୍‌ଯାକ ଲୋକନାଥ୍‌ଙ୍କୁ ଅର୍ପଣ୍ କରାଯାଇଥିବା ଫୁଲ୍, ବେଲ୍‌ପତର୍, ସୁନା, ରୂପା, ସବୁ ଆଏଜ୍ ବିଧି ଅନ୍‌ସାରେ କଢ଼ାଯାଇଥିଲା । ପଙ୍କଉଦ୍ଧାର ନୀତି ଉତ୍‌ରୁ ମାହାପୁରୁଙ୍କର୍ ମହାସ୍ନାନ କରାଯାଇଥିଲା । ତାର୍ ଉତ୍‌ରୁ ଭକ୍ତମାନେ ଲୋକନାଥଙ୍କର୍ ପ୍ରତ୍ୟକ୍ଷ ଦର୍ଶନ୍ କରିଥିଲେ । ଇ ଅବ୍‌ସରେ ପୁରୀ ନ ଜବର୍ ଭିଡ୍ ଲାଗିଥିଲା । ଭିଡ୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତରଫ୍‌ରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଧେୟକ/ଆର୍‌ଏନ୍‌ୟୁ/ସମ୍ବଲପୁର

ସଂସଦ୍ ନ ଗଲାକାଏଲ୍ ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଧେୟକ -୨୦୨୬ ପାରିତ୍ ହେଇଯାଇଛେ । ଶ୍ରମିକ୍‌ମାନ୍‌କୁ ସର୍ବନିମ୍ନ ମଜୁରୀ ଦେବାର୍ ସହେତେ ଗୁଟେ ଧାରିଜ୍ ସର୍ବନିମ୍ନ ମଜୁରୀ କମ୍

କର୍‌ବାର୍‌କେ ରାଜ୍ୟମାନ୍‌କୁ ଅନୁମତି ନାଇଁ ଦେବାର୍ ବାଗିର୍ ବ୍ୟବସ୍ଥା ଇ ବିଧେୟକ୍‌ଥି କରାଯାଇଛେ । ଶିଳ୍ପ ସମ୍ପର୍କ ସଂହିତା - ୨୦୨୦ ଥି କେତେ ସଂଶୋଧନ୍ କରାଯାଇକରି ଇ ବିଧେୟକ୍‌ଥି ଟ୍ରେଡ୍ ୟୁନିୟନ୍ ଆଇନ୍-୧୯୨୬ ଶିଳ୍ପ ନିଯୁକ୍ତି ଅଧିନିୟମ୍-୧୯୪୬ ଆଉ ଶିଳ୍ପ ବିବାଦ ଅଧିନିୟମ୍-୧୯୪୭ ଜାଗା ନ ନୂଆଁ ସଂହିତା-୨୦୨୦ ଲାଗୁ କରାଯାଇଛେ । ନୂଆଁ ଶ୍ରମ ସଂହିତା ଶ୍ରମିକ୍‌ମାନ୍‌କର୍ ଉପକାର୍ କର୍‌ବା ବଲି କେନ୍ଦ୍ର ଶ୍ରମମନ୍ତ୍ରୀ ମନ୍‌ସୁଖ୍ ମାଣ୍ଡଭିୟ କହିଛନ୍ ।

ବିଶ୍ୱ ରେଡ଼ିଓ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍/ ଏକ୍ସ

ଯୋଗାଯୋଗ୍ କ୍ଷେତ୍ରଥି ରେଡ଼ିଓର୍ ବଳିଷ୍ଠ ଅବଦାନ୍‌କେ ସୁର୍‌ତା କରିକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ରେଡ଼ିଓ ଦିବସ୍ । ସବୁନୁ ବଡ଼ ଗଣମାଧ୍ୟମ୍ ହିସାବେ ଆଏଜ୍ ଭିଲ୍ ସାରା ପୁର୍‌ଥି ନ ରେଡ଼ିଓର ଲୋକପ୍ରିୟତା ରହିଛେ । ମିଳିତ୍ ଜାତିସଂଘର ୟୁନେସ୍କୋ ସଂସ୍ଥା ତର୍‌ଫୁ ୨୦୧୨ ମସିହା ନୁ ଫି ବଛର୍ ଫେବୃଆରୀ ୧୩ ତାରିଖ୍‌କେ ବିଶ୍ୱ ରେଡ଼ିଓ ଦିବସ୍ ଭାବେ ପାଲନ୍

କରାଯାଉଛେ । ରେଡ଼ିଓ ସୂଚନା ଶିକ୍ଷା  ଆଉ ମନୋରଞ୍ଜନ୍‌ର ମୁଖ୍ୟ ମାଧ୍ୟମ୍ ଭାବେ ନୂଆଁ ରୂପ୍‌ଥି ଲୋକପ୍ରିୟତା ପାଉଛେ । ଇ ବଛର୍ ରେଡ଼ିଓ ଦିବସ୍‌ର ବାର୍ତା ହେଉଛେ 'ରେଡ଼ିଓ ଆର୍ କୃତ୍ରିମ ବୁଦ୍ଧିମତା : ଏଆଇ ଗୁଟେ ଉପକରଣ୍, ସ୍ୱରର୍ ନୁହେଁସେ' ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ରେଡ଼ିଓ ଦିବସ୍‌ର ଶୁଭେଚ୍ଛା ଜନେଇକରି କହିଛନ୍, ରେଡ଼ିଓ ସଙ୍ଗେ ଜୁଡ଼ି ହେଇକରି ଥିବା ସମ୍‌କର୍ ଚେରେଷ୍ଟାକେ ସ୍ୱୀକାର୍ କର୍‌ବାର୍ ଆଏଜ୍ ଗୁଟେ ଖାସ୍ ଦିନ୍ । ମନ୍ କି ବାତ୍ ଜରିଏ ଲୁକ୍‌କର୍ ସାମାଜିକ୍ ଶକ୍ତିକେ ସମ୍‌କର୍ ପାଖ୍‌କେ ଆନ୍‌ବାର୍‌ଥି ରେଡ଼ିଓର୍ ଅବଦାନ୍ କେତ୍‌ନିକେତେ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । କେନ୍ଦ୍ର ସୂଚନା ଆଉ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍ ମୁରୁଗନ୍, ବିଶ୍ୱ ରେଡ଼ିଓ ଦିବସ୍‌ର ଶୁଭେଚ୍ଛା ଜନେଇକରି ସାଧାରଣ ଲୁକ୍‌କର୍ ପାଖ୍‌କେ ସୂଚ୍‌ନା ପୁହୁଁଚାବାର୍‌ଥି ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ୍ ଆଏ ବଲି କହିଛନ୍ ।

ପ୍ରକଳ୍ପ ଅନୁମୋଦନ୍ ବୈଠକ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ବିକଶିତ ଗାଁ- ବିକଶିତ ଓଡ଼ିଶା ଯୋଜ୍ନାଥି ୨୦୨୬-୨୭ ବଛରଥି ପ୍ରସ୍ତାବିତ ପ୍ରକଳ୍ପ ମାନ୍କର୍ ଅନୁମୋଦନ୍ ଲାଗି ଗୁଟେ ଜିଲ୍ଲାସ୍ତରୀୟ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଜିଲ୍ଲା ନ ଗାଁ ଇଲାକାର୍ ରାସ୍ତା, ସେତୁ, କଲଭର୍ଟ ତିଆରିକେ ପ୍ରାଥମିକତା ଦେବାର୍ ସହେତେ ଆଦିମ ଜନଜାତି, ପିଜିଭିଟି, ନକ୍ସଲ୍ ପ୍ରଭାବିତ୍ ଆଉ ଦୁର୍ଗମ୍ ପାହାଡ଼ି ଇଲାକାମାନ୍କେ ଯୋଗାଯୋଗ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା ।

ଇଙ୍କ୍‌ଫେଷ୍ଟ୍            ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ସହରର୍ ରୟାଲ୍ ପଡ଼ିଆଠାନେ ଜିଲ୍ଲା ପୁସ୍ତକ ଆଉ ସାରସ୍ୱତ ଉତ୍ସବ୍ ଇଙ୍କ୍‌ଫେଷ୍ଟ୍ -୨୦୨୬ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ରାଜ୍ୟ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍‌ର ସହଯୋଗ୍‌ଥି ହେବାର୍‌କେ ଥିବା ଇ ଉତ୍ସବ୍ ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା ।

ଜନଗଣନା ଅଧିକାରୀ-ତାଲିମ୍ ଶିବିର    ଦେବ୍‌ଗଡ୍ ସମ୍ବାଦଦାତା

୨୦୨୭ ଜନଗଣନାକେ ନେଇକରି ଦେବ୍‌ଗଡ୍ ନ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନ୍‌କର୍ ଗୁଟେ ସମୀକ୍ଷା ଆଉ ତାଲିମ୍ ଶିବିର୍ ହେଇଯାଇଛେ । ଜିଲ୍ଲାପାଲ୍ ଆଉ ଜିଲ୍ଲାର୍ ଜନଗଣନା ଅଧିକାରୀ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭୁବ୍‌ନେଶ୍ୱର୍ ନୁ ଆସିଥିବା ଜନଗଣନା ଅଧିକାରୀମାନେ ତାଲିମ୍ ଦେଇଥିଲେ ।

ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ର ୬ ନମ୍ବର୍ ଦିନେ ଆଏଜ୍ ଝାର୍‌ସୁଗୁଡ଼ା ଆଉ କୋରାପୁଟ୍ ଦଲ୍ ଭିତ୍‌ରେ ପହେଲା ସେମିଫାଇନାଲ୍ ମେଚ୍ ଖେଲାଯାଇଥିଲା । ଝାର୍‌ସୁଗୁଡ଼ା ଦଲ୍

୬/ଶୂନ୍ ଗୋଲ୍‌ଥି କୋରାପୁଟ୍‌କେ ହଇେକରି ଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ପହେଲା ବର୍‌ଗଡ୍ ଆର୍ ସୁନ୍ଦର୍‌ଗଡ୍ ଦଲ୍ ଭିତ୍‌ରେ ୨ ନମ୍ବର୍ ସେମିଫାଇନାଲ୍ ମେଚ୍ ଖେଲାଯିବା । ୧୫ ତାରିଖ୍ ରଏବାର୍ ଦିନ ଫାଇନାଲ୍ ମେଚ୍ ଖେଲାଯିବା ।